## ସଂକ୍ଷେପରେ

### ବୃଦ୍ଧାଙ୍କୁ ହତ୍ୟା ପରେ ଟଙ୍କା, ସୁନା ଲୁଟ୍

**କଣିହାଁ,୩।୮(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ଥାନା କୁମୁଣ୍ଡା ଗ୍ରାମରେ ମଙ୍ଗଳବାର ଏକ ହତ୍ୟାକାଣ୍ଡ ଘଟିଛି। ବୃଦ୍ଧାଙ୍କୁ ହତ୍ୟା କରିବା ପରେ ଗାଡ଼ି ଚାଳକ ଟଙ୍କା, ସୁନା ଓ ସ୍କୁଟି ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ସୋମବାର ରାତିରେ ଶିବରାମ ସାହୁ ଓ ତାଙ୍କ ସ୍ତ୍ରୀ ଘରେ ନ ଥିଲେ। ଘରେ ତାଙ୍କ ୮୦ ବର୍ଷିୟା ମା' ନବାତୀ ସାହୁ ଏକା ଥିବାର ସୁଯୋଗ ନେଇ ଡ୍ରାଇଭର ଭାବେ କାମ କରୁଥିବା ପାଲଲହଡା ଅଞ୍ଚଳର ବିକାଶ ତାଙ୍କୁ ହତ୍ୟା କରି ଟଙ୍କା, ସୁନା ଓ ସ୍କୁଟି ଲୁଟ କରି ଫେରାର ହୋଇଯାଇଥିବା ଶିବରାମ ଘରକୁ ଫେରି ଦେଖିବାକୁ ପାଇଥିଲେ। ଏ ନେଇ ସେ କଣିହାଁ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ, ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ଧରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଏ ନେଇ କଣିହାଁ ଥାନାରେ ନଂ. ୨୦୦/୨୦୨୧ ଏକ ମାମଲା ରୁଜୁ ହୋଇଛି। ସମ୍ପୃକ୍ତ ଡ୍ରାଇଭର ଫେରାର ହୋଇଯାଇଛନ୍ତି।

### ୭କୁ ଖସିଲା ସଂକ୍ରମିତଙ୍କ ସଂଖ୍ୟା

**ଢେଙ୍କାନାଳ ଅଫିସ,୩।୮:** ଢେଙ୍କାନାଳ ଜିଲାରୁ କରୋନା ସଂକ୍ରମଣ ଧୀରେ ଧୀରେ ହ୍ରାସ ପାଉଛି। ମଙ୍ଗଳବାର ଜିଲାରୁ ମାତ୍ର ୭ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଦିନକରେ ୫୧ ଜଣ କରୋନାରୁ ସୁସ୍ଥ ହୋଇଥିବା ବେଳେ ୨ଜଣଙ୍କ ମୃତ୍ୟୁ ହୋଇଛି। ନୂଆ ଚିହ୍ନଟଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳରୁ ୪, କଙ୍କଡାହାଡରୁ ୧, ଗଁଦିଆରୁ ୧ ଏବଂ ଅନ୍ୟ ଚିକିତ୍ସାଳୟରେ ଜଣେ ରହିଛନ୍ତି। ୨ ଜଣଙ୍କ କରୋନାରେ ମୃତ୍ୟୁ ହୋଇଥିବାରୁ ମୋଟ୍ ମୃତକଙ୍କ ସଂଖ୍ୟା ୧୨୭ରେ ପହଞ୍ଚିଛି।

# ଜଙ୍ଗଲାଞ୍ଚଳରେ ଅପହଞ୍ଚ ଯୋଜନା

**ବଇଣ୍ଡା,୩।୮(ଡି.ଏନ.ଏ.)**



ସମସ୍ୟାରେ ଥିବା ସିନ୍ଦୂରଖୋଳ ଗ୍ରାମ।

- ୨ ଗାଁରେ ନାହିଁ ଜଳ ଯୋଗାଣ ପ୍ରକଳ୍ପ
- ରାସ୍ତା ସମସ୍ୟାର ସମାଧାନ ହେଉନି
- ବାରମ୍ବାର ଅଭିଯୋଗ ସତ୍ତ୍ୱେ ଶୁଣୁନି ପ୍ରଶାସନ

ଯୋଗାଯୋଗର ଉନ୍ନତି ପାଇଁ ଗ୍ରାମାଞ୍ଚଳରେ ପକ୍କା ସଡ଼କ ନିର୍ମାଣ ହେଉଛି। ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ବସୁଧା ଯୋଜନାରେ ପ୍ରକଳ୍ପମାନ କରାଯାଉଛି। ଗରିବ ପରିବାରକୁ ବିନା ମୂଲ୍ୟରେ ବିଦ୍ୟୁତ୍ ସଂଯୋଗ ଦିଆଯାଉଛି। ହେଲେ ରାଜ୍ୟ ସରକାରଙ୍କ ଏସବୁ ଉନ୍ନୟନ ଯୋଜନା ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ସାନହୁଲା ପଞ୍ଚାୟତର ସିନ୍ଦୂରଖୋଳ ଓ ମିଣ୍ଡୋଳ ଗ୍ରାମରେ ପହଞ୍ଚିପାରୁ ନାହିଁ। ଫଳରେ ବର୍ଷ ବର୍ଷ ଧରି ଜଙ୍ଗଲାଞ୍ଚଳରେ ଥିବା ଏହି ଦୁଇ ଗ୍ରାମବାସୀ ଅବହେଳିତ ଅବସ୍ଥାରେ ରହି ଆସିଛନ୍ତି। ଏ ନେଇ ବାରମ୍ବାର ସେମାନେ ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି ସେମାନଙ୍କ ଗୁହାରି ଶୁଣୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ସିନ୍ଦୂରଖୋଳ ଗ୍ରାମର ଲୋକ ସଂଖ୍ୟା ୭ଶହ ହେବ। ହେଲେ ପାନୀୟ ଜଳର ପର୍ଯ୍ୟାପ୍ତ ସୁବିଧା ଗାଁରେ ନାହିଁ। ବସୁଧା ଯୋଜନାରେ ପ୍ରକଳ୍ପ ତ ଦୂରର କଥା, ଏଠାରେ ଥିବା ୫ଟି ନଳକୂଅ ମଧ୍ୟ କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ। ଗୋଟିଏ ଅଚଳ ଅବସ୍ଥାରେ ଥିବାବେଳେ ୨ଟିରୁ ଲୌହ ଗୁଣ୍ଡ ବାହାରୁଥିବାରୁ ତାହା ବ୍ୟବହାରରେ ଲାଗିପାରୁ ନାହିଁ। ତେଣୁ ବାଧ୍ୟ ହୋଇ ଖୋଲା କୂଅ ଉପରେ ଲୋକେ ନିର୍ଭର କରୁଛନ୍ତି। ସେହିପରି ସାନହୁଲା-ପାଇକସାହି ପୂର୍ତ୍ତ ଭିଭାଗ ରାସ୍ତାରୁ ଗ୍ରାମକୁ ଯାଇଥିବା ୨ କିଲୋମିଟର ମାଟି ରାସ୍ତା ପକ୍କା କରାଯାଉ ନାହିଁ। ଦୀର୍ଘ ବର୍ଷ ହେଲା ମରାମତି ଅଭାବରୁ ଏହି ରାସ୍ତା ଶୋଚନୀୟ ହୋଇପଡିଛି। ସାମାନ୍ୟ ବର୍ଷା ହେଲେ ପାଣି ଓ କାଦୁଅ ଯୋଗୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ପକ୍କା ସଡ଼କ ନିର୍ମାଣ ନିମନ୍ତେ ଗ୍ରାମବାସୀ ୨୦୧୭ ଫେବୃୟାରୀ ୧୦ ଓ ୨୦୧୯ ଜୁନ ୧୨ ତାରିଖରେ ଜିଲା ପ୍ରଶାସନ ଏବଂ ଲୋକ ପ୍ରତିନିଧିଙ୍କୁ ଅଭିଯୋଗ କରିଥିଲେ। କିନ୍ତୁ ଏଯାଏ ପଦକ୍ଷେପ ନିଆଯାଇ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏଥିସହ ହାଇସ୍କୁଲଟିଏ ନ ଥିବାରୁ ଗ୍ରାମର ଛାତ୍ରୀଛାତ୍ରମାନେ ୭ କିଲୋମିଟର ଦୂର ସାନହୁଲା ହାଇସ୍କୁଲ ଉପରେ ନିର୍ଭର କରୁଛନ୍ତି। ଗ୍ରାମରେ ଥିବା କୋଡାସାହିବାସିନ୍ଦାଙ୍କୁ ଏଯାଏ ବିଜୁଳି ସଂଯୋଗ ମିଳିପାରି ନାହିଁ। ସେହିପରି ୧୨ଶହ ଲୋକ ସଂଖ୍ୟା ବିଶିଷ୍ଟ ମିଣ୍ଡୋଳ ଗ୍ରାମରେ ୯ଟି ନଳକୂଅ ଥିବାବେଳେ ସେଥିରୁ ୩ଟି ଅଚଳ ହୋଇପଡିଛି। ଜଳ ପ୍ରକଳ୍ପ ନିର୍ମାଣ ହେଉ ନ ଥିବାରୁ ବର୍ଷ ତମାମ ଲୋକେ ହଇରାଣ ହେଉଛନ୍ତି। ୧୩ଟି ସାହିକୁ ସଂଯୋଗ କରୁଥିବା ମାଟି ରାସ୍ତା ପକ୍କା କରାଯାଉ ନାହିଁ। ଗ୍ରାମର ଛାତ୍ରୀଛାତ୍ରମାନେ ହାଇସ୍କୁଲ ଶିକ୍ଷା ପାଇଁ ୮ କିଲୋମିଟର ଦୂରକୁ ଯାଉଛନ୍ତି। ଗାଁ ସ୍କୁଲରେ ଥିବା ଶିକ୍ଷକ ଅଭାବ ସମସ୍ୟା ଦୂର କରାଯାଉ ନାହିଁ। ଏ ସମ୍ପର୍କରେ ସାନହୁଲା ସରପଞ୍ଚ ବନିତା ବେହେରା କହିଛନ୍ତି, ପଞ୍ଚାୟତର ଏହି ୨ ଗ୍ରାମର ସମସ୍ୟା ସମାଧାନ ପାଇଁ ବ୍ଲକ ପ୍ରଶାସନକୁ ଅବଗତ କରାଯାଇଛି।

### ଯାତାୟାତରେ ଅସୁବିଧା



ସିନ୍ଦୂରଖୋଳ ଗ୍ରାମକୁ ଯାଇଥିବା ମାଟି ରାସ୍ତା ଅତି ଶୋଚନୀୟ ହୋଇପଡିଛି। ସାମାନ୍ୟ ବର୍ଷା ହେଲେ ଗାଁରୁ ବାହାରକୁ ଯିବାରେ ଅସୁବିଧା ହେଉଛି। ପକ୍କା ସଡ଼କ ନିର୍ମାଣ ପାଇଁ ବହୁବାର ଅଭିଯୋଗ କରାଗଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ।

-ମୋହନ ପ୍ରଧାନ, ସିନ୍ଦୂରଖୋଳ

### ସବୁ କ୍ଷେତ୍ରରେ ଅବହେଳା



ଗ୍ରାମରେ ସମସ୍ତଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ନାହିଁ। ଏକାଧିକ ନଳକୂଅ ଅଚଳ ରହିଥିବାବେଳେ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ଦିଗରେ ଧ୍ୟାନ ଦିଆଯାଉ ନାହିଁ। ୧୫ ପରିବାର ବିନା ବିଦ୍ୟୁତ୍‌ରେ ବର୍ଷ ବର୍ଷ ଧରି ରହି ଆସୁଛନ୍ତି। ଗାଁ ସୁବ କ୍ଷେତ୍ରରେ ଅବହେଳିତ।

-ସତ୍ୟାନନ୍ଦ ପ୍ରଧାନ, ସିନ୍ଦୂରଖୋଳ

### ଜଳପ୍ରକଳ୍ପ ନିର୍ମାଣ କରାଯାଉ



ମିଣ୍ଡୋଳ ଗ୍ରାମର ଲୋକ ସଂଖ୍ୟା ହଜାରେରୁ ଊର୍ଦ୍ଧ୍ୱ। ହେଲେ ଏଠାରେ ସରକାରୀ ଯୋଜନା ଯେପରି ଅପହଞ୍ଚ ହୋଇପଡ଼ିଛି। ରାସ୍ତା ଠାରୁ ପାନୀୟ ଜଳ ଯାଏ, ପ୍ରତିଟି କ୍ଷେତ୍ରରେ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜଳ ପ୍ରକଳ୍ପ ତୁରନ୍ତ ନିର୍ମାଣ କରାଯାଉ।

-ଗୋପାଳ ନାୟକ, ମିଣ୍ଡୋଳ

### ହାଇସ୍କୁଲ ଶିକ୍ଷାରେ ସମସ୍ୟା



ଗ୍ରାମରେ ହାଇସ୍କୁଲ ଶିକ୍ଷାର ବ୍ୟବସ୍ଥା ନାହିଁ। ସ୍କୁଲ ଖୋଲାଥିବା ବେଳେ ପିଲାମାନେ ୮ କିଲୋମିଟର ଦୂର ସାନହୁଲା ହାଇସ୍କୁଲକୁ ଯାଇଥାନ୍ତି। ଗ୍ରାମରେ ଥିବା ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟା ଲାଗିରହିଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ।

-ବୁବୁନ ବିଶ୍ୱାଳ, ମିଣ୍ଡୋଳ

### ଶୀଘ୍ର ପଦକ୍ଷେପ ନିଆଯିବ



ସିନ୍ଦୂରଖୋଳ ଓ ମିଣ୍ଡୋଳ ଗ୍ରାମରେ ଥିବା ସମସ୍ୟା ସମ୍ପର୍କରେ ଗ୍ରାମବାସୀ ପ୍ରଶାସନ ନିକଟରେ ଅଭିଯୋଗ କରନ୍ତୁ। ତାହାର ତର୍ଜମା କରି ପ୍ରଶାସନ ପକ୍ଷରୁ ଶୀଘ୍ର ପଦକ୍ଷେପ ନିଆଯିବ। ଲୋକଙ୍କୁ ସରକାରୀ ଯୋଜନାରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ।

-ସନ୍ତୋଷ କୁମାର ସାହୁ, ବିଡିଓ, ଆଠମଲ୍ଲିକ

## ପେନ୍‌ସନ ଦାବି ନେଇ ବୈଠକ

**ଢେଙ୍କାନାଳ ଅଫିସ,୩।୮**

କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ଓ ପେନ୍‌ସନ ସୁବିଧା ନିମନ୍ତେ ୨୦୧୭ ଅନୁଦାନପ୍ରାପ୍ତ ଅଧ୍ୟାପକ କର୍ମଚାରୀ ସଂଘ ଢେଙ୍କାନାଳ ଆନୁକୂଲ୍ୟରେ ରବିବାର ସନ୍ଧ୍ୟାରେ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ସହ ସମ୍ପାଦକ ପ୍ରେମାନନ୍ଦ ନାୟକଙ୍କ ଆହ୍ୱାନ କ୍ରମେ କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ଅରୁଣ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ବିନା ପେନସନରେ ଅବସର ନେଇଥିବା ଅଧ୍ୟାପକ, କର୍ମଚାରୀଙ୍କ ଦୁଃଖ ଦୁର୍ଦ୍ଦଶା ପାଇଁ ରାଜ୍ୟ ସରକାର ଦାୟୀ ଏବଂ ସେମାନଙ୍କୁ ଅବସରକାଳୀନ ସୁବିଧା ନ ଦେବା ମାନବିକ ଅଧିକାର କ୍ଷୁଣ୍ଣ କରିଛି ବୋଲି ମତପ୍ରକାଶ ପାଇଥିଲା। ସେହିପରି ହାଇକୋର୍ଟରେ ପଡି ରହିଥିବା ପେନ୍‌ସନ ସମ୍ବନ୍ଧୀୟ ମାମଲାଗୁଡିକୁ ରଫାଦଫା କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ଏକ ଚକ୍ରାନ୍ତ କରାଯାଉଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହାର ଦୃଢ଼ ପ୍ରତିବାଦ କରାଯାଇ ଉଚ୍ଚଶିକ୍ଷା ବିଭାଗ ସମ୍ମୁଖରେ ଦାବି ଉପସ୍ଥାପନ କରାଯିବ ବୋଲି ବୈଠକରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଭର୍ଚୁଆଲ ବୈଠକରେ ବଲାଙ୍ଗୀର ଜିଲାର ଅଧ୍ୟାପକ ସୁରେଶ ଚନ୍ଦ୍ର ଷଡଙ୍ଗୀ, ନୟାଗଡରୁ ପ୍ରସନ୍ନ ମହାରଣା, ଧୀରେନ୍ଦ୍ର ମହାରଣା, ଖୋର୍ଦ୍ଧାରୁ ରଙ୍ଗନିଧି ବଳିଆରସିଂ, ପୁରୀରୁ ଡ. ଗୁରୁପ୍ରସାଦ ମହାପାତ୍ର, ଜଗତସିଂହପୁରରୁ ଅଶୋକ ସ୍ୱାଇଁ, ସୁନ୍ଦରଗଡରୁ ଡ. ଦିବାକର ମହାପାତ୍ର, କୋରାପୁଟରୁ ସୁଧାଂଶୁ ଶେଖର ପଟ୍ଟନାୟକ, ସୋନପୁରରୁ ଦୟାସାଗର ରଥ, ମୟୂରଭଞ୍ଜରୁ ମନୋରଞ୍ଜନ ସାହୁ, ଢେଙ୍କାନାଳରୁ ମହେଶ ପ୍ରସାଦ ହେନ୍ତାଳିଆ ପ୍ରମୁଖ ଯୋଗ ଦେଇଥିଲେ।

### କାର୍ଯ୍ୟକାରିଣୀ ବୈଠକ

**କାମାକ୍ଷାନଗର,୩।୮(ଡି.ଏନ.ଏ.):** ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ବିରାଶାଳ ମଣ୍ଡଳ ଭାଜପାର କାର୍ଯ୍ୟକାରିଣୀ ବୈଠକ ସୋମବାର ପଥରକଥାଠାରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଦଳର ରଣନୀତି କିଭଳି ରହିବ ତାହା ଉପରେ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା। ବରିଷ୍ଠ ନେତା ରୁଦ୍ରନାରାୟଣ ପାଣିଙ୍କ ସମେତ ପ୍ରଭାରୀ ବଳଭଦ୍ର ସାହୁ, ରାସବିହାରୀ ବେହେରା, ମଣ୍ଡଳ ସଭାପତି ସନାତନ ସାହୁ, ଉପସଭାପତି ଯଯାତି ସାହୁ, ଭାଗୀରଥି ବରାଳ, ଖୁଦିରାମ ବେହେରା, ବୈଷ୍ଣବ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ରାଜସ୍ୱ ଗ୍ରାମ ମାନ୍ୟତା ଦାବି



**କାମାକ୍ଷାନଗର, ୩।୮(ଡି.ଏନ.ଏ.):** ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ଅଡ଼ାପଲି ରାଜସ୍ୱ ଗ୍ରାମର କାଲବୁଦ୍ଧିଆ ପଡା ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ସୋମବାର ଗ୍ରାମର ଶତାଧିକ ଲୋକ ବୁଦ୍ଧିଜୀବୀମାନଙ୍କ ନେତୃତ୍ୱରେ ଆସି ଏକ ଦାବିପତ୍ର କାମାକ୍ଷାନଗର ଉପଜିଲାପାଳ ଜ୍ୟୋତି ଶଙ୍କର ସାହୁଙ୍କୁ ପ୍ରଦାନ କରିଛନ୍ତି। କାଲବୁଦ୍ଧିଆ ପଡା ଗ୍ରାମରେ ଏକ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର ଓ ଫରେଷ୍ଟ ବିଟ୍ ନିର୍ମାଣ କରାଯାଇଛି। ଏହି ଗ୍ରାମରେ ୧୦୦୦ରୁ ଅଧିକ ଲୋକ ସଂଖ୍ୟା ଓ ୬୦୦ରୁ ଊର୍ଦ୍ଧ୍ୱ ଭୋଟର ରହିଛନ୍ତି। ତେଣୁ ଏହାକୁ ତୁରନ୍ତ ରାଜସ୍ୱ ଗ୍ରାମର ମାନ୍ୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଅବସରକାଳୀନ ସମ୍ବର୍ଦ୍ଧନା

**ଅନୁଗୋଳ ଅଫିସ,୩।୮:** ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡରେ ଦୀର୍ଘ ୨୯ ବର୍ଷ ଧରି ନିରବଚ୍ଛିନ୍ନ ଭାବେ କିରାଣି, ଗ୍ରନ୍ଥାଗାରିକ ଭାବେ କାର୍ଯ୍ୟ କରୁଥିବା ସ୍ୱର୍ବେଶ୍ୱର ମଲ୍ଲିକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦୁଃଖବନ୍ଧୁ ମାଝିଙ୍କ ଅଧ୍ୟକ୍ଷତାରେ ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଥିଲା। ଜଣେ ସଚ୍ଚୋଟ ଓ କର୍ମଠ କର୍ମଚାରୀ ଭାବେ ସ୍ୱର୍ବେଶ୍ୱର ଦାୟିତ୍ୱ ତୁଲାଇଥିବା ଦୁଃଖବନ୍ଧୁ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ଅଧିକାରୀ ଶରତ ଚନ୍ଦ୍ର ସେଠୀ ଯୋଗଦେଇ ସର୍ବେଶ୍ୱର ମଲ୍ଲିକଙ୍କ କର୍ମମୟ ଜୀବନ ଉପରେ ଆଲୋଚନା କରିଥିଲେ। ବିଭାଗୀୟ କର୍ମଚାରୀମାନେ ସର୍ବେଶ୍ୱରଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ।

## ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ବାସନ ପ୍ରଦାନ




ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଯୋଗ ଦେଇଥିବା ମା' ଓ ମହିଳାମାନେ।

**ଅନୁଗୋଳ ଅଫିସ, ୩।୮**

ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ସମନ୍ୱିତ ଶିଶୁ ବିକାଶ ଯୋଜନା ଅନୁଗୋଳ ସହଭାଗିତାରେ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ପାଳନ କରାଯାଉଛି। ଅଗଷ୍ଟ ୧ରୁ ୭ ତାରିଖ ଯାଏ ଏହି କାର୍ଯ୍ୟକ୍ରମରେ ଯାଞ୍ଚ କମିଟିର ସଦସ୍ୟା, ମାତୃ ମଙ୍ଗଳ କମିଟି, ୬ ମାସରୁ କମ୍ ବୟସ୍କ ଶିଶୁଙ୍କୁ ସ୍ତନ୍ୟପାନ କରାଉଥିବା ମା' ଏବଂ ଗର୍ଭବତୀ ମହିଳା, କିଶୋରୀ, ବାଳିକାମାନେ ଲାଭାର୍ଥୀ ଭାବେ ଯୋଗଦେଇଛନ୍ତି। ଜେଏସ୍‌ପିଏଲ୍ ଫାଉଣ୍ଡେଶନ କ୍ଷେତ୍ର କର୍ମଚାରୀଙ୍କ ସହ ଅଙ୍ଗନୱାଡି ଏବଂ ଆଶା କର୍ମୀମାନେ ଶିଶୁଙ୍କ ଆଦର୍ଶ ପୋଷଣ ସମ୍ବନ୍ଧରେ ସଚେତନ କରାଉଛନ୍ତି। କୋଭିଡ-୧୯ ମହାମାରୀକୁ ଲକ୍ଷ୍ୟରେ ରଖି ଚଳିତ ବର୍ଷର ବିଷୟବସ୍ତୁ 'ନିରାପଦ ସ୍ତନ୍ୟପାନ : ସମ୍ମିଳିତ ଦାୟିତ୍ୱ' ଉପରେ ସମସ୍ତ ଲାଭାର୍ଥୀଙ୍କୁ ସୂଚନା ପ୍ରଦାନ କରାଯାଇଛି। ଏଥିସହ ଶିଶୁଙ୍କୁ କୋଭିଡ୍ ଭୂତାଣୁ ଠାରୁ କିପରି ଦୂରେଇ ରଖିବେ, ସେ ସମ୍ବନ୍ଧରେ ତାଲିମ ଦିଆଯାଉଛି। ଫାଉଣ୍ଡେଶନ ପକ୍ଷରୁ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟ ବାସନ ପ୍ରଦାନ କରାଯାଇଛି।

## ଅକ୍ସିଫ୍ଲୋ ମିଟର, ମାସ୍କ ପ୍ରଦାନ

**ଢେଙ୍କାନାଳ ଅଫିସ,୩।୮**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସୋମବାର ୧୦୦ଟି ଅକ୍ସିଫ୍ଲୋ ମିଟର ଓ ୫୦୦୦ ଏନ୍-୯୫ ମାସ୍କ ପ୍ରଦାନ କରାଯାଇଛି। ବାଙ୍ଗାଲୋରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ୟୁନାଇଟେଡ୍ ୱେ ଭୂମି ପକ୍ଷରୁ ଢେଙ୍କାନାଳ ଜିଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶୋଭା ସହାୟତାରେ ଏହିସବୁ ସାମଗ୍ରୀ ପ୍ରଦାନ କରାଯାଇଛି। ଶୋଭା ଅନୁଷ୍ଠାନର ମୁଖ୍ୟ ଉଦୟେନ୍ଦୁ ମିଶ୍ର ଏହି ଜୀବନ ରକ୍ଷାକାରୀ ସାମଗ୍ରୀଗୁଡ଼ିକୁ ଜିଲା କାର୍ଯ୍ୟାଳୟର ସଦ୍‌ଭାବନା ଗୃହରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ରଙ୍କ ଉପସ୍ଥିତିରେ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ରାୟ, ଡାଲସା ସମ୍ପାଦକ ସୁକାନ୍ତ କୁମାର ଜେନା, ସଦର ତହସିଲଦାର ସୁରେଶ କୁମାର ପଣ୍ଡା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିମା ଦାସ, ହରପ୍ରିୟା ନାୟକ, ଆଇନଜୀବୀ ବସନ୍ତ ରଥ ଉପସ୍ଥିତ ଥିଲେ। ପ୍ରଶାନ୍ତ କୁମାର ଦାସ ଧନ୍ୟବାଦ ଦେଇଥିଲେ। କରୋନା ସମୟରେ ଏହି ଜୀବନରକ୍ଷା ସାମଗ୍ରୀ କୋଭିଡ୍ ଆକ୍ରାନ୍ତ ରୋଗୀଙ୍କ ସୁରକ୍ଷା ପ୍ରଦାନରେ ସହାୟକ ହେବ।




ସଂସ୍ଥା ପକ୍ଷରୁ ଜିଲାପାଳଙ୍କୁ ଅକ୍ସିଫ୍ଲୋ ମିଟର ଓ ମାସ୍କ ପ୍ରଦାନ କରାଯାଉଛି।

## ସମସ୍ୟା ବୁଝିଲେ ବିଧାୟକ

**ବଇଣ୍ଡା,୩।୮(ଡି.ଏନ.ଏ.)**

କିଶୋରନଗର ବ୍ଲକ ୧୧ ନମ୍ବର ଜୋନ୍ ରଣିଆକଟା, କଦଳୀମୁଣ୍ଡା, ଜଏରାଟ, ଓସ୍କାପାଲି, ବାମୁର, ଧଉରାପାଲି ପଞ୍ଚାୟତରେ ମଙ୍ଗଳବାର ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶଚନ୍ଦ୍ର ସାଏ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ବ୍ଲକ ସଭାପତି କୁମୁଦ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱ କରିଥିଲେ। ବୈଠକରେ ବିଭିନ୍ନ ପଞ୍ଚାୟତରେ ଥିବା ସମସ୍ୟା ସମ୍ପର୍କରେ ବିଧାୟକ କର୍ମୀଙ୍କଠାରୁ ବୁଝିବା ସହ ସମାଧାନ ଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ଜିଲା ଯୁବ ବିଜେଡି ଉପସଭାପତି ଜିତେନ୍ଦ୍ର କୁମାର ସାହୁ, ଜିଲା ସାଧାରଣ ସମ୍ପାଦକ ତାପସ ସାହୁ, ବ୍ଲକ ଯୁବ ବିଜେଡି ସଭାପତି ଅରୁଣ ସାହୁଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

## ବଢୁଛି ଅନିୟମିତତା ଅଭିଯୋଗ



ହିନ୍ଦୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ମହାଲୁଣ୍ଡା ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିବାକୁ ଆସିଛନ୍ତି।

**ହିନ୍ଦୋଳ,୩।୮(ଡି.ଏନ.ଏ.)**

**ହିନ୍ଦୋଳ ବ୍ଲକରେ ଆବାସ ଯୋଜନା**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ବଢ଼ିବାରେ ଲାଗିଛି। ଗତ ସପ୍ତାହରେ ପାଟଲା, ବେଡାପଡା, ବାଉଁଶପୋଖରୀ ପଞ୍ଚାୟତର କେତେଜଣ ହିତାଧିକାରୀ ତଦନ୍ତ ଦାବିକରି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିବାବେଳେ ସୋମବାର ମହାଲୁଣ୍ଡା, ଟାଙ୍ଗୀଶାଳ, ବୁହାଳିପାଳ, ଜରଡ଼ା, ଅସରଡ଼ା, ବାର୍ଷିଙ୍ଗା, କାରନ୍ଦା ଆଦି ଗ୍ରାମର ବହୁ ଗରିବ, ନିରାଶ୍ରୟ ଲୋକେ ବ୍ଲକକୁ ଆସି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏହି ଆବାସ ଯୋଜନାର ହିତାଧିକାରୀ ଚୟନରେ ସ୍ୱଚ୍ଛତା ଆଣିବାକୁ ସରକାର ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କୁ ଦାୟିତ୍ୱ ଦେଇଛନ୍ତି। ସମ୍ପୃକ୍ତ ଅଧିକାରୀମାନେ ନିଜ ପଞ୍ଚାୟତରେ ତଦନ୍ତ କରିବା ପରିବର୍ତ୍ତେ ଅନ୍ୟ ପଞ୍ଚାୟତକୁ ଯାଇ ତଦନ୍ତ କରିବାକୁ ସରକାରୀ ନିର୍ଦ୍ଦେଶ ରହିଛି। ମାତ୍ର ସମ୍ପୃକ୍ତ ଅଧିକାରୀମାନେ କେତେଜଣ ଦଲାଲଙ୍କୁ ହାତକରି ସେମାନଙ୍କ ମାଧ୍ୟମରେ ହିତାଧିକାରୀମାନଙ୍କଠାରୁ ଅର୍ଥ ଆଦାୟ କରି ତାଲିକା ପ୍ରସ୍ତୁତ କରୁଥିବା ବହୁ ହିତାଧିକାରୀ ଅଭିଯୋଗ କରିଛନ୍ତି। ଏ ନେଇ ବିଡିଓ କ୍ଷୀରାବ୍ଧି ତନୟା ସାହୁ କହିଛନ୍ତି, ଘଟଣାର ପୁନଃ ତଦନ୍ତ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକୃତ ହିତାଧିକାରୀମାନେ ଯୋଜନାରେ ଘର ପାଇବେ।

## ପିଏମ୍‌ଜିଏସ୍‌ୱାଇରେ ହେବ ୫୪ କି.ମି. ନିର୍ମାଣ

**ଢେଙ୍କାନାଳ ଅଫିସ,୩।୮**



ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ଶିଳାନ୍ୟାସ କରାଯାଉଛି।

- ଦୁଇ ବ୍ଲକରେ ଶିଳାନ୍ୟାସ କଲେ ଏମ୍‌ପି, ବିଧାୟକ
- ମୋଟ୍ ୨୯.୨୫ କୋଟି ଟଙ୍କା ବ୍ୟୟ ଅଟକଳ
- ସଫଳ ରୂପାୟନ ପାଇଁ ସହଯୋଗ କାମନା

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଢେଙ୍କାନାଳ ଜିଲା ସଦର ବ୍ଲକର ୪ଟି ଓ ଗଁଦିଆ ବ୍ଲକର ୫ଟି ରାସ୍ତା ନିର୍ମାଣ ହେବ। ଏଥିପାଇଁ ମଙ୍ଗଳବାର ଶିଳାନ୍ୟାସ କାର୍ଯ୍ୟ ଅନୁଷ୍ଠିତ ହୋଇଛି। ମୋଟ ୨୯.୨୫ କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଏହି ସଡ଼କଗୁଡ଼ିକର ଶିଳାନ୍ୟାସ ଏମ୍‌ପି ମହେଶ ସାହୁ ଓ ବିଧାୟକ ସୁଧୀର କୁମାର ସାମଲଙ୍କ କରକମଳରେ ସମ୍ପନ୍ନ ହୋଇଛି।

ସଦର ବ୍ଲକ ସରାଗ ପାଟଣାଠାରେ ୧୩ କୋଟି ୨୧ଲକ୍ଷ ୪୭ ହଜାର ୮୩୬ ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ମୋଟ୍ ୨୨.୮୬୦ କିଲୋମିଟର ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ପୂର୍ବାହ୍ନରେ କରାଯାଇଥିଲା। ନିର୍ମାଣ ହେବାକୁ ଥିବା ରାସ୍ତା ମଧ୍ୟରେ ଅଉଖମା ପଞ୍ଚାୟତର ସରାଗପାଟଣାଠାରୁ ଭାୟା ଭାଗୀରଥିପୁର ୫.୨୮୦ କିଲୋମିଟରେ ପୂର୍ତ୍ତ ବିଭାଗ ରାସ୍ତା ପାଇଁ ୨ କୋଟି ୭୦ ଲକ୍ଷ ୧୨ ହଜାର ୧୮୨ ଟଙ୍କା ଅନୁମୋଦନ ହୋଇଛି। ସେହିପରି ୫୫ନଂ ଜାତୀୟ ରାଜପଥଠାରୁ ବାଞ୍ଛକୁସୁମ ଭାୟା ସିଆରିଆକୁ ଯାଇଥିବା ୭.୮ କିଲୋମିଟର ରାସ୍ତା ନିମନ୍ତେ ୫ କୋଟି ୩୫ ଲକ୍ଷ ୧୮ ହଜାର ୭୨୪ ଟଙ୍କା, ସିମିଳିଆଠାରୁ ସରଖିଆ ତାରେଣୀ ଛକ ଭାୟା ବଡପାଳ ୩.୯ କିଲୋମିଟର ପୂର୍ତ୍ତ ବିଭାଗ ରାସ୍ତା ପାଇଁ ୨ କୋଟି ୨୩ ଲକ୍ଷ ୫୧ ହଜାର ୭୪୮ ଟଙ୍କା ଏବଂ ରଞ୍ଜା ଛକଠାରୁ କାଇମାଟି ପଞ୍ଚାୟତର କୁକୁଡାଝର ଭାୟା କଟକମଡା ଭାୟା ଖମାର ପର୍ଯ୍ୟନ୍ତ ୫.୮୫ କିଲୋମିଟର ରାସ୍ତା ପାଇଁ ୨ କୋଟି ୯୨ ଲକ୍ଷ ୬୫ ହଜାର ୧୮୨ ଟଙ୍କା ମଞ୍ଜୁର ହୋଇଛି। ସେହିପରି ଗଁଦିଆ ବ୍ଲକର ମୋଟ୍ ୩୧.୨୯ କିଲୋମିଟର ରାସ୍ତା ନିମନ୍ତେ ୧୬.୪ କୋଟି ଟଙ୍କା ମଞ୍ଜୁର କରାଯାଇଛି। ବିଧାରପୁରଠାରେ ଏହି କାର୍ଯ୍ୟର ଶିଳାନ୍ୟାସ ହୋଇଛି। ତନ୍ମଧ୍ୟରୁ ବିଧାରପୁରଠାରୁ ମହିଷାକଡା ଭାୟା ରାମେଇ ଖମାର ୩.୨ କିଲୋମିଟର ରାସ୍ତାର ଉନ୍ନତୀକରଣ ପାଇଁ ୧୬୭.୯୧ ଲକ୍ଷ ଟଙ୍କା, ଦେଓଗାଁ ପୂର୍ତ୍ତ ବିଭାଗ ରାସ୍ତାଠାରୁ ଚନ୍ଦ୍ରଶେଖରପୁର ୪.୪ କିଲୋମିଟର ନିମନ୍ତେ ୨ କୋଟି ୧୨ଲକ୍ଷ ୧ ହଜାର, ଷଡଙ୍ଗୀ ପଞ୍ଚାୟତର ପୂର୍ତ୍ତ ବିଭାଗ ରାସ୍ତାଠାରୁ ମଠତେନ୍ତୁଳିଆ ଭାୟା ବିଷ୍ଣୁପୁର ୩.୭ କିଲୋମିଟର ରାସ୍ତା ନିମନ୍ତେ ୧ କୋଟି ୨୬ ଲକ୍ଷ ୪୧ ହଜାର ୪୦୭ ଟଙ୍କା, ସୋରିଷିଆପଦା ପୂର୍ତ୍ତ ବିଭାଗ ରାସ୍ତାଠାରୁ ଭାୟା ମହିଷାକଡା ପର୍ଯ୍ୟନ୍ତ ୧୧.୯୯ କିଲୋମିଟର ରାସ୍ତା ନିମନ୍ତେ ୬ କୋଟି ୯୬ ଲକ୍ଷ ୩୯ ହଜାର ୫୫୬ ଟଙ୍କା, କରଡାବଣିଠାରୁ ଇଚ୍ଛାପୁର ଭାୟା ରତନପୁର ପର୍ଯ୍ୟନ୍ତ ୮ କିଲୋମିଟର ରାସ୍ତା ପାଇଁ ୩ କୋଟି ୬୪ ଲକ୍ଷ ୨୩ ହଜାର ୩୦୫ ଟଙ୍କା ବ୍ୟୟ ବରାଦ କରାଯାଇଛି। ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ନିତାନ୍ତ ଜରୁରୀ ବୋଲି ଶିଳାନ୍ୟାସ କାର୍ଯ୍ୟକ୍ରମ ଅବସରରେ ଏମ୍‌ପି ଓ ବିଧାୟକ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ମିନତି ନାୟକ, ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ସଦର ବ୍ଲକ ଜିଲା ପରିଷଦ ସଭ୍ୟ ଅର୍ଚ୍ଚନା ସାହୁ, ଚନ୍ଦନ ମହାନ୍ତି, ଗଁଦିଆ ବ୍ଲକ ଜିଲା ପରିଷଦ ସଭ୍ୟ ଚିନ୍ମୟୀ ମହାନ୍ତି, ରଶ୍ମିରେଖା ମହାଳିକ, ଗଁଦିଆ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ଭୂୟାଁ, ସଦର ବ୍ଲକ ଅଧ୍ୟକ୍ଷା ପଦ୍ମିନୀ ନାୟକଙ୍କ ସମେତ ଉଭୟ ବ୍ଲକର ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।

